# REGIONAL NEWS UNIT, AIR CUTTACK
## Morning Bulletin (7.05 AM)
### 7 October – 2023

## ମାଓମୁକାବିଲା ବୈଠକ

ନୂଆଦିଲ୍ଲୀଠାରେ ମାଓବାଦୀ ମୁକାବିଲା ସଂକ୍ରାନ୍ତ ଏକ ଉଚ୍ଚସ୍ତରୀୟ ବୈଠକ ଗତକାଲି ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଛି । ଏହି ବୈଠକରେ ମାଓ ପ୍ରଭାବିତ ରାଜ୍ୟ ଗୁଡ଼ିକର ସ୍ଥିତି ସମୀକ୍ଷା କରାଯାଇଛି । ଏହି ବୈଠକରେ ମାଓ ପ୍ରଭାବିତ ରାଜ୍ୟ ଗୁଡ଼ିକର ପ୍ରତିନିଧିମାନେ ଯୋଗ ଦେଇଥିଲେ । ଏହି ଅବସରରେ ଓଡ଼ିଶାରେ ମାଓବାଦୀ ମୁକାବିଲା ନିମନ୍ତେ କେନ୍ଦ୍ର ସରକାରଙ୍କ ସହାୟତା ପାଇଁ ଅର୍ଥମନ୍ତ୍ରୀ ବିକ୍ରମ କେଶରୀ ଆରୁଖ ସ୍ୱରାଷ୍ଟ୍ରମନ୍ତ୍ରୀଙ୍କୁ ଧନ୍ୟବାଦ ଦେଇଛନ୍ତି । ରାଜ୍ୟର କିଛି ସମସ୍ୟା ଉପରେ କେନ୍ଦ୍ର ସରକାରଙ୍କ ଧ୍ୟାନ ଆକର୍ଷଣ କରି ଅର୍ଥମନ୍ତ୍ରୀ କହିଛନ୍ତି ବିଭିନ୍ନ ଯୋଜନାରେ ମୋବାଇଲ୍ ଟାୱାର ସ୍ଥାପନ କାର୍ଯ୍ୟକୁ ତ୍ୱରାନ୍ୱିତ କରାଯିବା ସହ ଶୀଘ୍ର କାର୍ଯ୍ୟ ଶେଷ ହେବାର ଆବଶ୍ୟକତା ରହିଛି । ସେନାର ଯାତାୟାତ, ମାଓବାଦୀଙ୍କ ସହ ସଂଘର୍ଷ ଭଳି ଜରୁରୀ ପରିସ୍ଥିତିର ମୁକାବିଲା ନିମନ୍ତେ ସୁରକ୍ଷା ବାହିନୀ ପାଇଁ ନିରବଚ୍ଛିନ୍ନ ହେଲିକପ୍ଟର ସେବା ରାଜ୍ୟ ପାଇଁ ଜରୁରୀ ହେଉଛି । ଏଣୁ ରାଜ୍ୟକୁ ଏଥିଲାଗି ଅଧିକ ହେଲିକପ୍ଟର ଯୋଗାଇ ଦେବାକୁ ଅର୍ଥମନ୍ତ୍ରୀ ଦାବି କରିଛନ୍ତି ।

## ୱାନ୍ ହେଲ୍‌ଥ କାର୍ଯ୍ୟକ୍ରମ

ଓଡ଼ିଶାରେ ୱାନ୍ ହେଲ୍‌ଥ ବା ଏକକ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ଆରମ୍ଭ ହେବ । ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଦ୍ୱାରା ପ୍ରସ୍ତାବିତ ଏହି କାର୍ଯ୍ୟକ୍ରମକୁ ପାଇଲଟ ପ୍ରକଳ୍ପ ଆଧାରରେ ରାଜ୍ୟରେ କାର୍ଯ୍ୟକାରୀ କରାଯିବ ବୋଲି ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡାକ୍ତର ନିରଞ୍ଜନ ମିଶ୍ର ସୂଚନା ଦେଇଛନ୍ତି । ସେ କହିଛନ୍ତି ଏହି କାର୍ଯ୍ୟକ୍ରମ ଅଧୀନରେ ଜୁନୋଟିକ୍ ଡିଜିଜ୍ ଅର୍ଥାତ୍ ଆନ୍ଥ୍ରାକ୍ସ, ର୍‌ୟାବିସ୍, ସ୍କବ୍ ଟ୍ରାଇଫସ୍, ନିପା ଭାଇରସ୍ ଭଳି ଜୀବଜନ୍ତୁଙ୍କ ଠାରୁ ମଣିଷ ଶରୀରକୁ ଆସୁଥିବା ରୋଗର ମିଳିତ ମୁକାବିଲା ସମ୍ଭବ ହୋଇପାରିବ । ଏ ନେଇ ସ୍ୱାସ୍ଥ୍ୟ ବିଭାଗ ସହିତ ପଶୁ ସମ୍ପଦ, କୃଷି ଓ ବନ୍ୟପ୍ରାଣୀ ବିଭାଗ ମିଳିତ ଭାବେ କାର୍ଯ୍ୟ କରିବେ । ଜୁନୋଟିକ୍ ଡିଜିଜ୍ ପାଇଁ ସ୍ୱତନ୍ତ୍ର ଆକ୍ସନ ପ୍ଲାନ ପ୍ରସ୍ତୁତ ହେବ ବୋଲି ସେ କହିଛନ୍ତି ।

## ହକି-ମୁଖ୍ୟମନ୍ତ୍ରୀ

ଚୀନ୍‌ର ହ୍ୱାଙ୍ଗ୍‌ଝୋରେ ଚାଲିଥିବା ଏସିଆନ୍ ଗେମ୍‌ସରେ ଭାରତୀୟ ପୁରୁଷ ହକି ଦଳର ଖେଳାଳିଙ୍କ ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୫ ଲକ୍ଷ ଟଙ୍କା ଲେଖାଏଁ ପୁରସ୍କାର ରାଶି ଘୋଷଣା କରିଛନ୍ତି । ଗତକାଲି ଭାରତୀୟ ଦଳ ସ୍ୱର୍ଣ୍ଣପଦକ ହାସଲ କରିବା ପରେ ଟିମ୍‌ର ଖେଳାଳିମାନଙ୍କ ସହିତ ଆଭାସି ମାଧ୍ୟମରେ ମୁଖ୍ୟମନ୍ତ୍ରୀ ସେମାନଙ୍କୁ ଅଭିନନ୍ଦନ ଜଣାଇଛନ୍ତି ।

ଆସନ୍ତାବର୍ଷ ପ୍ୟାରିସ୍‌ରେ ହେବାକୁ ଥିବା ଅଲମ୍ପିକ୍ସ ପାଇଁ ଭାରତୀୟ ହକି ଦଳ ସର୍ବୋତ୍କୃଷ୍ଟ ପ୍ରଦର୍ଶନ କରିବ ବୋଲି ସେ ଆଶା କରିଛନ୍ତି ।

---

## ମୁଖ୍ୟମନ୍ତ୍ରୀ

କଟକ ଆଚାର୍ଯ୍ୟ ହରିହର ସ୍ନାତକୋତ୍ତର କର୍କଟ ରୋଗ ଅନୁଷ୍ଠାନରେ ୨ଟି ଅତ୍ୟାଧୁନିକ ଲିନାକ୍ ମେସିନ୍ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ଲୋକାର୍ପିତ ହୋଇଛି । ଏଥିସହ  ଅନୁଷ୍ଠାନରେ ୩୦ ଶଯ୍ୟାର ଡେ କେୟାର ୟୁନିୟନ୍‌କୁ ମଧ୍ୟ ଉଦ୍‌ଘାଟନ କରିଛନ୍ତି । ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ପୂର୍ବ ଭାରତରେ କର୍କଟ ରୋଗର ଚିକିତ୍ସା କ୍ଷେତ୍ରରେ ଓଡ଼ିଶାକୁ ଏକ ପ୍ରମୁଖ କେନ୍ଦ୍ର କରିବାକୁ ଗୁରୁତ୍ୱ ଦିଆଯାଉଛି । ହୋମି ଭାବା କ୍ୟାନ୍‌ସର ହସ୍ପିଟାଲ ଆଣ୍ଡ ରିସର୍ଚ୍ଚ ସେଣ୍ଟର ଏବଂ ବାଗ୍‌ଚୀ ଶ୍ରୀ ଶଙ୍କର କ୍ୟାନସର ହସ୍ପିଟାଲ ବ୍ୟତୀତ ଝାରସୁଗୁଡ଼ା ଜିଲ୍ଲାରେ ଆଉ ଏକ ନୂତନ କର୍କଟ ଚିକିତ୍ସାଳୟ ପ୍ରତିଷ୍ଠା କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି । କର୍କଟ ରୋଗର ଚିକିତ୍ସା ପଦ୍ଧତି ବ୍ୟୟବହୁଳ ହୋଇଥିବା ବେଳେ ଆଚାର୍ଯ୍ୟ ହରିହର ସ୍ନାତକୋତ୍ତର କର୍କଟ ପ୍ରତିଷ୍ଠାନରେ ସମସ୍ତ ରୋଗୀଙ୍କ ସଂପୂର୍ଣ୍ଣ ଚିକିତ୍ସା ଖର୍ଚ୍ଚ ରାଜ୍ୟ ସରକାର ବହନ କରୁଥିବା ମୁଖ୍ୟମନ୍ତ୍ରୀ ସୂଚନା ଦେଇଛନ୍ତି ।

---

## ଫୁଟ୍ ସେଣ୍ଟର

ଖୋର୍ଦ୍ଧା ଗୁରୁଜଙ୍ଗରେ ପ୍ରତିଷ୍ଠିତ ବିଜୁ ମହାବୀର ଜୟପୁର ଫୁଟ୍ ସେଣ୍ଟରର ବିଭିନ୍ନ ସେବାକୁ ସଂପ୍ରସାରିତ କରାଯିବ । ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗର ପ୍ରମୁଖ ଶାସନ ସଚିବ ସୁଶୀଲ କୁମାର ଲୋହାନୀଙ୍କ

ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି । ଚଳନ ବାଧିତଙ୍କ ପାଇଁ ପ୍ରସିଦ୍ଧ ଜୟପୁର ଫୁଟ୍ ପ୍ରସ୍ତୁତିରେ ୫୦ ବର୍ଷରୁ ଊର୍ଦ୍ଧ୍ୱ ଲୋକପ୍ରିୟତା ଅର୍ଜନ କରିଥିବା ଭଗବାନ ମହାବୀର ବିକଳାଙ୍ଗ ସହାୟତା ସମିତି, ଜୟପୁର ଏବଂ ଓଡ଼ିଶା ସରକାରଙ୍କ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗର ମିଳିତ ଉଦ୍ୟମରେ ସ୍ଥାପିତ ଏହି ଫୁଟ୍ ସେଣ୍ଟର ଖୋର୍ଦ୍ଧା ଜିଲ୍ଲା ସହିତ ଅନ୍ୟାନ୍ୟ ଜିଲ୍ଲା ଗୁଡ଼ିକୁ ସେବା ଯୋଗାଇ ଦେବା ନେଇ ବୈଠକରେ ସୂଚନା ଦିଆଯାଇଛି ।

## ଯୁବ ମତ ବିନିମୟ କାର୍ଯ୍ୟକ୍ରମ

ମାଲକାନଗିରି ଜିଲ୍ଲା ସଦର ମହକୁମାର ଏମ.ଭି-୩ ସ୍ଥିତ ବି.ଏସ.ଏଫ କ୍ୟାମ୍ପଠାରେ ନେହେରୁ ଯୁବ କେନ୍ଦ୍ର ପକ୍ଷରୁ ବି.ଏସ.ଏଫ ସହାୟତାରେ ୧୫ ତମ ଆଦିବାସୀ ଯୁବ ମତ ବିନିମୟ କାର୍ଯ୍ୟକ୍ରମ ନିମନ୍ତେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୂଖ୍ୟ ଅତିଥି ଭାବେ ବି.ଏସ.ଏଫ ଡି.ଆଇ.ଜି ଶୈଳେନ୍ଦ୍ର କୁମାର ସିହ୍ନା ଯୋଗ ଦେଇ ମାଥିଲି ବ୍ଲକର ଦୁର୍ଗମ ଅଂଚଳର ଛାତ୍ରଛାତ୍ରୀମାନେ ଏହି କାର୍ଯ୍ୟକ୍ରମ ଦ୍ୱାରା ଦେଶର ବିଭିନ୍ନ ରାଜ୍ୟର କଳା, ସଂସ୍କୃତି , ଚାଲିଚଳଣି ସମ୍ପର୍କରେ ଜ୍ଞାନ ଆହୋରଣ କରିପାରିବେ ବୋଲି କହିଥିଲେ। ଆସନ୍ତା ୧୦ ତାରିଖଠାରୁ ୧୬ ତାରିଖ ପର୍ଯ୍ୟନ୍ତ ଚଣ୍ଡିଗଡ଼ଠାରେ ଅନୁଷ୍ଠିତ ହେବାକୁ ଥିବା ୧୫ ତମ ଆଦିବାସୀ ଯୁବ ମତ ବିନିମୟ କାର୍ଯ୍ୟକ୍ରମରେ ମାଥିଲି ବ୍ଲକର ଦୁର୍ଗମ ଅଂଚଳର ୧୦ ଜଣ ବାଳକ ଓ ୧୦ ଜଣ ବାଳିକାଙ୍କ ସମେତ ମୋଟ ୨୦ ଜଣ ଆଦିବାସୀ ଛାତ୍ରଛାତ୍ରୀ ଯୋଗ ଦେବାକୁ ଆଜି ଚଣ୍ଡିଗଡ଼ ଯାତ୍ରା ଆରମ୍ଭ କରିବେ। ଏହି

ସମୟରେ ପଞ୍ଜାବ ରାଜ୍ୟପାଳ, ମନ୍ତ୍ରୀ, କ୍ରୀଡ଼ାବିତ, ଅଭିନେତା, ଅଭିନେତ୍ରୀଙ୍କ ସମେତ ଶ୍ରେଷ୍ଠ ବ୍ୟକ୍ତିତ୍ୱଙ୍କ ସହ ମତ ବିନିମୟ କରିବାର କାର୍ଯ୍ୟକ୍ରମ ରହିଛି ।

---

# ଭିଜିଲାନ୍ସ ସପ୍ତାହ

ଭିଜିଲାନ୍ସ ସଚେତନତା ସପ୍ତାହକୁ ଦୃଷ୍ଟିରେ ରଖି ପୂର୍ବତଟ ରେଳ ବିଭାଗର ବିଭିଲାନ୍ସ ବିଭାଗ ଦ୍ୱାରା ଏକ ସତର୍କତା କର୍ମଶାଳାର ଅନୁଷ୍ଠିତ ହୋଇଯାଇଛି । ଅଧିକାରୀ ଏବଂ କର୍ମଚାରୀଙ୍କୁ ଭିଜିଲାନ୍ସ ମାମଲା ବାବଦରେ ବିଭିନ୍ନ ଦିଗ ବିଷୟରେ ଅବଗତ କରାଯାଇଛି । ସୂଚନା ଅନୁସାରେ ୩୦ ଅକ୍ଟୋବରରୁ ୫ ନଭେମ୍ବର ପର୍ଯ୍ୟନ୍ତ ଭିଜିଲାନ୍ସ ସପ୍ତାହ ପାଳିତ ହେବ ।

---

# ସଚେତନତା କର୍ମଶାଳା

ଖୋର୍ଦ୍ଧା ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ କୀଟନାଶକ ସଂପର୍କିତ ଏକ ସଚେତନତା କର୍ମଶାଳା ଅନୁଷ୍ଠିତ ହୋଇଛି । ଏଥିରେ ଜିଲ୍ଲାପାଳ ପାରାକ୍ୱାଟ୍ ଏକ ମାରାତ୍ମକ କୀଟନାଶକ ଘାସମରା ବିଷାକ୍ତ ଔଷଧ ବୋଲି ଘୋଷଣା କରିଛନ୍ତି, ଯାହାକି ଗ୍ରାମାକ୍ସିନ୍ ବା ପାରାଜୋନ୍ ନାମରେ ଜଣାଶୁଣା ।  ଏହାର ବ୍ୟବହାର ଅତ୍ୟନ୍ତ କ୍ଷତିକାରକ ହୋଇଥିବାରୁ ଏହାର ବିକ୍ରି ଓ ପ୍ରୟୋଗ ନିଷେଧ ବୋଲି ଜିଲ୍ଲାପାଳ ଘୋଷଣା କରିଛନ୍ତି ।

---